# ଚାଷୀ ପଞ୍ଜୀକରଣ ସମୟସୀମା ବୃଦ୍ଧି ଦାବିରେ ଗଣଧାରଣା

## ଦାବି ପୂରଣ ନହେଲେ ଆନ୍ଦୋଳନ ଚେତାବନୀ



ପାଇକମାଲ,୨୬।୮ (ସମିସ)

ପାଇକମାଲ ବ୍ଲକ୍ ଜାମସେଠ ପ୍ରାଥମିକ କୃଷି ସମବାୟ ସମିତି ଲିଃରେ ମାଣ୍ଡୋସିଲ ଆଞ୍ଚଳିକ କୃଷକ ମହାସଂଘ ତରଫରୁ ଚାଷୀ ମାନେ ପଞ୍ଜୀକରଣ ସମୟସୀମା ବୃଦ୍ଧି ଦାବିରେ ଗଣଧାରଣାରେ ବସିଛନ୍ତି। ଅଞ୍ଚଳର ଅନେକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଦଶରଥ ବିନାଟଙ୍କ ସଭାପତିତ୍ୱରେ ଜାମସେଠ ପ୍ରାଥମିକ କୃଷି ସମବାୟ ସମିତି ଲିଃରେ ପ୍ରାଙ୍ଗଣରେ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବ ବୈଠକର ବିବରଣୀ ପଠନ କରାଯାଇଥିଲା। ଚାଷୀ ପଞ୍ଜୀକରଣ ସମୟସୀମା ବୃଦ୍ଧି କରାଯାଇ ୨ରୁ ୩ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ ବୋଲି ଦାବି ଉପସ୍ଥାପନ କରାଯାଇଥିଲା। ଚାଷୀ ବାରମ୍ବାର ଆନ୍ଦୋଳନ ଜାରି ରଖିଥିବା ଓ ନିଜ ନିଜ ସମସ୍ୟାକୁ ଶାସନ ଓ ପ୍ରଶାସନ ପାଖରେ ରଖୁଥିଲେ ମଧ ରାଜ୍ୟ ସରକାର ଚାଷୀଙ୍କ ସମସ୍ୟାକୁ ଦୃଷ୍ଟି ଦେଉନାହାନ୍ତି। ସେଥିପାଇଁ ପାଇକମାଲ ବ୍ଲକ୍‌ର ସମସ୍ତ ସୋସାଇଟିରେ ଅନେକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ଶୀଘ୍ର ପଞ୍ଜୀକରଣ ଓ ଅନଲାଇନ ସୁବିଧା ଖୋଲାଯିବା ପାଇଁ ଚାଷୀ ଧାରଣାରେ ବସିଥିଲେ।

ପଞ୍ଜୀକରଣ ପାଇଁ ସମୟ ବୃଦ୍ଧି କରା ନ ଗଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସଂଘ ଚେତାବନୀ ଦେଇଛି। ଏନେଇ ସମ୍ପାଦକ ଦାମୋଦର ରଣାଙ୍କ ଜରିଆରେ ସରକାରଙ୍କୁ ଦାବିପତ୍ର ପ୍ରଦାନ କରା ହୋଇଛି। ଧାରଣାରେ ଗିରୀଶ ଡନସନା, ଭୂପେନ୍ଦ୍ର ସାହୁ, ସୁରଥ ରଣା, ମିନିକେତନ ମାଝୀ, ଭୋଜରାଜ ବୁଡେକ, ରାଜେଶ୍ୱର ସିହ୍ନା, ନିରଞ୍ଜନ ଡନସନା, ହିରାଲାଲ ମାଝୀ, ଉମେଶ ପ୍ରଧାନ, ଅମର ସାଇ ଧରୁଆଙ୍କ ସମେତ ଶତାଧିକ ଚାଷୀ ଧାରଣାରେ ବସିଥିଲେ।

# ଧାନ ପଞ୍ଜୀକରଣ ସମୟ ସୀମା ବୃଦ୍ଧି ପାଇଁ ଦାବିପତ୍ର

ବରଗଡ଼,୨୬।୮ (ସମିସ)

ଚାଷକାମ ଯାହାର କେତେ ଦୁଃଖ ତାହାର - ଏହା ଅକ୍ଷରେ ଅକ୍ଷରେ ପ୍ରମାଣିତ ହୋଇଛି। ଚାଷର ବ୍ୟସ୍ତତା ସହିତ ଅଗଷ୍ଟ ମାସରେ ଅନାବୃଷ୍ଟି, ସାର ସଙ୍କଟ, ଋଣ ଲେନଦେନ, ପ୍ରଧାନମନ୍ତ୍ରୀ ଫସଲବୀମା ପଞ୍ଜୀକରଣ ଏବଂ ନୂତନ ଧାନ ବିକ୍ରି ପଞ୍ଜୀକରଣରେ ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗରୁ କୌଣସି ପ୍ରସ୍ତୁତି ନ କରି ହଠାତ ଇ-କେୱାଇସି ଲାଗୁ କରିବା, ରେକର୍ଡଧାରୀଙ୍କ ମୃତ୍ୟୁ ହୋଇଥିଲେ ଉତ୍ତରାଧିକାରୀଙ୍କୁ ଲିଗାଲ ହେୟାର ପ୍ରମାଣ ପତ୍ର ବାଧ୍ୟତାମୂଳକ କରିବା କାରଣରୁ ପଞ୍ଜୀକରଣ ବ୍ୟବସ୍ଥା ବହୁତ ମନ୍ଥର ଗତିରେ ଚାଲୁଥିଲା। ରାଜ୍ୟରେ ଲିଗାଲ ହେୟାର ବାଧ୍ୟତାମୂଳକୁ ନେଇ ଅନେକ ସ୍ଥାନରେ ଆନ୍ଦୋଳନ ହେବାରୁ ସରକାର ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିବା ନିଷ୍ପତ୍ତି ନେଲେ ସତ କିନ୍ତୁ ତାହାକୁ ଠିକ ଭାବେ କାର୍ଯ୍ୟକାରୀ କଲେ ନାହିଁ। ପ୍ରତ୍ୟେକ ସୋସାଇଟି ମାନଙ୍କରେ ଯେଉଁମାନେ ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିବା ପାଇଁ ଚାହୁଁଥିଲେ ସେମାନଙ୍କ ଚାଷୀ ପରିଚୟ ପତ୍ର ଆସି ନଥିଲା। ଫଳରେ ଚାଷୀ ପୁଣି ସେହି ବଂଶାବଳୀ କରିବା ପାଇଁ ବାଧ୍ୟ ହେଉଥିଲେ। ଯେଉଁମାନଙ୍କ ବଂଶାବଳୀ କରିବା ସମସ୍ୟା ହେଉଥିଲା ସେମାନେ ସ୍ୱ-ଘୋଷଣାନାମାରେ ପଞ୍ଜୀକରଣ କରିବାକୁ ଚାହିଁଲେ ବି ସୋସାଇଟି ମାନଙ୍କରେ ପଛରେ ହେବ କହି କଥା ଟାଳି ଦେଉଛନ୍ତି।



ରାଜ୍ୟରେ ୧୮ ଲକ୍ଷ ୫୧ ହଜାର ଚାଷୀ ପଞ୍ଜୀକରଣ ହୋଇ ସାରିଲାଣି। ଯାହା ଅନ୍ୟ ବର୍ଷ ତୁଳନାରେ ରେକର୍ଡ ଅଟେ। ହେଲେ ବରଗଡ଼ ଜିଲ୍ଲାରେ ୨୩ ଅଗଷ୍ଟ ସୁଦ୍ଧା ଗତବର୍ଷ ତୁଳନାରେ ୩୦ ହଜାର ଚାଷୀ କମ ପଞ୍ଜୀକୃତ ହୋଇଥିଲେ। ଇଣ୍ଟରନେଟ ଓ ସର୍ଭର ସମସ୍ୟା କାରଣରୁ ଦିନ ଦିନ ଚାଷୀଙ୍କୁ ଅପେକ୍ଷା କରିବାକୁ ପଡ଼ିଥିଲେ ମଧ ପଞ୍ଜୀକୃତ ହୋଇ ନପାରିବାରୁ ଏପରି ହୋଇଥିବା ଚାଷୀଙ୍କ ପକ୍ଷରୁ ପ୍ରକାଶ। ଜିଲ୍ଲାରେ ହାରାହାରି ୨୦/୩୦ ହଜାର ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୋଇଛନ୍ତି। ବଞ୍ଚିତ ହୋଇଥିବା ଚାଷୀଙ୍କ ବିଷୟରେ ବିଚାର କରି ଆହୁରି ୧୦ ଦିନ ସମୟ ସୀମା ବୃଦ୍ଧି ହେଲେ ତାଙ୍କର କଷ୍ଟ ଉପାର୍ଜିତ ଧାନ ସରକାରୀ ମୂଲ୍ୟରେ ବିକ୍ରି କରିପାବାର ସୁଯୋଗ ପାଇପାରିବେ। ତେଣୁ ଚାଷୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ସମୟସୀମା ବୃଦ୍ଧି କରିବା ପାଇଁ ସଂଯୁକ୍ତ କୃଷକ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ଅତାବିରା ବିଧାୟକ ବିଧାୟକ ନିହାର ମହାନନ୍ଦ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଭଟଲି ଇରାଶିଷ ଆଚାର୍ଯ୍ୟ ଏବଂ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ରଙ୍କୁ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି।

## ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ବରଗଡ଼,୨୬।୮ (ସମିସ): ଅଗଷ୍ଟ ୩୧ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବ୍ଲକ୍ ଶିକ୍ଷା ବିଭାଗ ଓ ପୌର ପରିଷଦର ମିଳିତ ଆନୁକୂଲ୍ୟରେ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟରେ ତର୍କ, ଚିତ୍ରାଙ୍କନ ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ପୌର ଅଧ୍ୟକ୍ଷା କଳ୍ପନା ମାଝୀ, ବ୍ଲକ୍ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବାନନ୍ଦ ସାହୁ ଏବିଇଓ ରଞ୍ଜନ ଦଣ୍ଡସେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପୌରାଞ୍ଚଳର ସମସ୍ତ ସରକାରୀ ଓ ଘରୋଇ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସଙ୍ଗୀତ ପ୍ରତିଯୋଗିତା ବରିଷ୍ଠ ବିଭାଗରେ ଅନଘାଦିତ୍ୟ ଯୋଶୀ, ପୀୟୂଷ ବେହେରା, ପ୍ରତୀକ୍ଷା ଦାସ ଏବଂ କନିଷ୍ଠ ବିଭାଗରେ ପ୍ରାଞ୍ଜଳ ପ୍ରତିମା ନନ୍ଦ, ମନିଶ ପଣ୍ଡା, ରୂପାଲି ସାମଲ; ଚିତ୍ରାଙ୍କନ ବରିଷ୍ଠ ବିଭାଗରେ ଅନ୍ୱେଷା ବାଗ, ଶ୍ରିସନ୍ଧ ପଣ୍ଡା, ସିପ୍ରା ସୈନି ମହାନ୍ତି; ତର୍କ ପ୍ରତିଯୋଗିତା ବରିଷ୍ଠ ବିଭାଗରେ ରାସେଶ୍ୱରୀ ହୋତା, ସୁପ୍ରିତି ଭୋଇ, ଅମ୍ବିକା ପ୍ରଧାନ; କନିଷ୍ଠ ବିଭାଗରେ ଆରାଧ୍ୟା ତ୍ରିପାଠୀ, ସାଲିନୀ ସା, ସିଦ୍ଧାର୍ଥ ମିଶ୍ର ପ୍ରମୁଖ ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତଙ୍କୁ ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷକ କପିଳ ବାଗ, ବିବେକାନନ୍ଦ ଅଦାବର୍, ଡ.ଡୋଳାମଣି ଶତପଥୀ, ପ୍ରମୋଦ ଦାଶ, ତଫିକ ଖାନ୍, ମନୋଜ ଜେନା, ଜ୍ୟୋତିରଂଜନ ବାଗ ପ୍ରମୁଖ ବିଚାରକ ଭାବେ ମୂଲ୍ୟାଙ୍କନ କରିଥିଲେ। ପ୍ରଧାନଶିକ୍ଷକ ସୁଦୀପ ରଥଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଶିକ୍ଷକ ଗୋପବନ୍ଧୁ ପୁରୋହିତ ସଂଯୋଜନା କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଟାଟା ପାୱାର ବରଗଡ଼ ଜୋନ୍ ଅଧିକାରୀଙ୍କୁ ସର୍କଲ କର୍ମଚାରୀଙ୍କ ସାକ୍ଷାତ

ବରଗଡ଼,୨୬।୮ (ସମିସ): ନିଖିଳ ଓଡ଼ିଶା ବିଦ୍ୟୁତ୍ ମଜଦୁର ମହାସଂଘ ପକ୍ଷରୁ ପ୍ରତିନିଧି ମଣ୍ଡଳୀ ଟାଟା ପାୱାର ବରଗଡ଼ର ଜୋନ୍ ଦାୟିତ୍ୱରେ ଥିବା ଅଧିକାରୀ ଦେବଦତ୍ତ ସବ୍ୟସାଚୀ ମିଶ୍ରଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସାକ୍ଷାତକାର ସମୟରେ ଟିପିଡବ୍ଲ୍ୟୁଓଡିଏଲ୍ ବରଗଡ଼ ସର୍କଲରେ ଥିବା କର୍ମଚାରୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଭାବେ ଆଲୋଚନା କରି କେମିତି ଦୁର୍ଘଟଣା ନହେବ ଓ କର୍ମଚାରୀ ସୁରକ୍ଷିତ ରହିବେ ସେ ଦିଗରେ ବିଶେଷ ଭାବେ ଧ୍ୟାନ ଦେବା ପାଇଁ ଶ୍ରୀ ମିଶ୍ର ପ୍ରତିଶ୍ରୁତି ଦେଇଛନ୍ତି। ଆଉଟସୋର୍ସିଂରେ ଥିବା କର୍ମଚାରୀ ମାନଙ୍କ ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା ହୋଇଥିଲା। ସାକ୍ଷତକାରରେ ମହାସଂଘ ପକ୍ଷରୁ ଜଗନ୍ନାଥ ଛତର, ଗୌରହରି ବେହେରା, ଯୁବରାଜ ଭୋଇ, ଅନୁପ ଦାସ, ଯୁଗ୍ମ ସମ୍ପାଦକ ଚକ୍ରଧର ପ୍ରଧାନ ଓ ସଂଗଠନ ସମ୍ପାଦକ ବିସ୍ମୟ ହୋତା ଉପସ୍ଥିତ ଥିଲେ।

## ପ୍ରଜ୍ଞା ପ୍ରବାହ ଚର୍ଚ୍ଚା କେନ୍ଦ୍ରରେ ଆଲୋଚନାଚକ୍ର

ପଦ୍ମପୁର,୨୬।୮ (ସମିସ): ପ୍ରଜ୍ଞା ପ୍ରବାହ ଚର୍ଚ୍ଚା କେନ୍ଦ୍ର ଆନୁକୂଲ୍ୟରେ ସ୍ଥାନୀୟ କଲେଜରୋଡ ସ୍ଥିତ ବୈଦିକ ସଂସ୍କାର ସଂସ୍କୃତି କେନ୍ଦ୍ରରେ ଆଲୋଚନା ସଭା ଅନୁଷ୍ଠିତ ହୋଇଛି। ଏଥିରେ ଲିନା ଦତ୍ତ ଭାରତୀୟ ଜ୍ଞାନ ପରମ୍ପରାର ମହନୀୟତା ବିଷୟରେ ଆଲୋକପାତ କରିଥିଲେ। ପ୍ରଜ୍ଞା ପ୍ରବାହର ସଭାପତି ଅଞ୍ଚଳ କଲେଜର ଅଧ୍ୟକ୍ଷ ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ପାଦକ ଡ.ଟିକେଶ୍ୱର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଉପସଭାପତି ଚଉବନ ସ୍ୱାଇଁ ଧନ୍ୟବାଦ ଦେଇଥିବା ବେଳେ, କୃଷ୍ଣଦେବ ଶାସ୍ତ୍ରୀ ଜୀ ସ୍ୱସ୍ତି ବାଚନ ଓ ଶାନ୍ତି ପାଠ କରିଥିଲେ। ଅଧ୍ୟାପକ ଦିବ୍ୟକିଶୋର ପଣ୍ଡା ସଭା ସଂଯୋଜନା କରିଥିଲେ।

## ଅଞ୍ଚଳ ମହାବିଦ୍ୟାଳୟରେ 'ଭାରତୀୟ ଜ୍ଞାନ ପରମ୍ପରା' ଆଲୋଚନାଚକ୍ର



ପଦ୍ମପୁର,୨୬।୮ (ସମିସ): ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଆଭ୍ୟନ୍ତରୀଣ ଗୁଣତା ନିଶ୍ଚିତକରଣ କୋଷ ଦ୍ୱାରା ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ଅଧ୍ୟକ୍ଷତାରେ 'ଭାରତୀୟ ଜ୍ଞାନ ପରମ୍ପରା' ଉପରେ ଆଲୋଚନା ଚକ୍ର ଆୟୋଜିତ ହୋଇଛି। ଶ୍ରୀ ଦାଶ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ ସ୍ୱାଗତ କରି ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। ଭୁବନେଶ୍ୱରର ବେଷ୍ଟ ରେ ଇନଫୋଟେକର ନିର୍ଦ୍ଦେଶକ ଲୀନା ଦତ୍ତା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ।

ସେ ଭାରତୀୟ ଜ୍ଞାନ ପ୍ରଣାଳୀରେ ନିହିତ ପ୍ରାଚୀନ ମୂଲ୍ୟବୋଧ ଏବଂ ନୀତି ଉପରେ ଗୁରୁତ୍ୱାରୋପ କରିଥିଲେ। ନବପ୍ରଭାତ ଟ୍ରଷ୍ଟ, ପଦ୍ମପୁର ଅଧ୍ୟକ୍ଷ ଆଚାର୍ଯ୍ୟ ଭଗବାନ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପରିବାରର ବଡମାନଙ୍କଠାରୁ ଆରମ୍ଭ କରି ଭାରତୀୟ ଜ୍ଞାନ ପ୍ରଣାଳୀର ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଶେଷରେ ଆଇକ୍ୟୁଏସି ସଂଯୋଜକ ନବକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କଲେଜର ପୂର୍ବତନ ପ୍ରାଧାପକ ଡ.ବାଞ୍ଛାନିଧି ପଣ୍ଡା ଏବଂ କଲେଜର ପୂର୍ବତନ ଛାତ୍ର ଜୟନାରାୟଣ ତ୍ରିପାଠୀ ତଥା ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜରଙ୍କ ସହ ପ୍ରଧାପକ ପ୍ରଭାତ ମହାପାତ୍ର, ପ୍ରାଧାପିକା ପୂର୍ଣ୍ଣିମା ଦୋରା, ପ୍ରମୋଦ ତ୍ରିପାଠୀ, ଡ.ସରୋଜ ନାୟକ, ସନ୍ତୋଷ ମିଶ୍ର, ଝୁନୁ ପରିଡା, ଶର୍ମିଳା ପଣ୍ଡା, ମୋନାଲିଶା ସ୍ୱାଇଁ ଏବଂ ସମସ୍ତ ଅଧାପକ ଅଧାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

## ବଜ୍ରପାତ ଓ ସାପ କାମୁଡ଼ା ସଚେତନତା




ପଦ୍ମପୁର,୨୬।୮ (ସମିସ): ବଜ୍ରପାତ ଓ ସାପ କାମୁଡ଼ା ସମ୍ବନ୍ଧରେ ଘନାମାଲ ଗାଁରେ ଜନ ସଚେତନତା ପଦଯାତ୍ରା ସୁରେନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଘନାମାଲ ଗାଁରେ ସଚେତନତା ପଦଯାତ୍ରା କରାଯାଇଥିଲା। ଗ୍ରାମାଞ୍ଚଳରେ ଅନେକ ଲୋକ ସାପ କାମୁଡା ପ୍ରତି ଭିନ୍ନ ମତ ରଖି ଗୁଣି ଗାରେଡି ପ୍ରତି ଦୃଷ୍ଟି ଦେଇ ଥାନ୍ତି। ଫଳରେ ଅନେକ ଲୋକ ମୃତ୍ୟୁର ଶିକାର ହୁଅନ୍ତି। ତେଣୁ ବଜ୍ରପାତ ଓ ସାପ କାମୁଡାରେ ଆହତ ହେଇଥିବା ଲୋକମାନଙ୍କୁ ତୁରନ୍ତ ଚିକିତ୍ସାଳୟକୁ ପହଞ୍ଚାଇବାକୁ ପାଇଁ ଜନସାଧାରଣଙ୍କୁ ସଚେତନ କରା ଯାଇଥିଲା।

## ପଞ୍ଚମ ନକ୍‌ଆଉଟ୍ ଫୁଟବଲ୍ ୫ମ ଦିନରେ ସିକିର୍ଡି ଦଳ ଅଗ୍ରଣୀ



ବରପାଲି,୨୬।୮ (ସମିସ): ବରପାଲି ବ୍ଲକ୍ ଲେଣ୍ଡା କ୍ରୀଡା ସଂସଦ ଆନୁକୂଲ୍ୟରେ ପଞ୍ଚମ ନକ୍‌ଆଉଟ୍ ଫୁଟବଲ୍ ୫ ମ ଦିନରେ ସିକିର୍ଡି ଦଳ ୪ ଗୋଲରେ ବିଜୟୀ ହୋଇଛି। ମଙ୍ଗଳବାର ଆୟୋଜିତ ପ୍ରତିଯୋଗିତାରେ ସିକିର୍ଡି ଓ ଜମୁର୍ଡା ଦଳ ମଧ୍ୟରେ ଖେଳ ହୋଇଥିଲା। ଏଥିରେ ସିକିର୍ଡି ଦଳ ୪-୦ ଗୋଲରେ ବିଜୟ ହାସଲ କରିଥିଲା। ମୁଖ୍ୟ ଅତିଥି ଭାବେ ସମାଜସେବୀ ସୋନୁ ଖାନ ଓ ସମ୍ମାନିତ ଅତିଥି ଭାବ ସମାଜସେବୀ ଅଭିଳାଷ ସେଠ ଏବଂ ସୁରଜ ଦାସ ଯୋଗ ଦେଇଥିଲେ। ସୌଭାଗ୍ୟ ରଞ୍ଜନ ବିଶ୍ୱାଳ ଓ ପ୍ରଶାନ୍ତ ଭୋଇଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ଅଫିସିଆଲ୍ ଶ୍ରୀନିବାସ ରାଓ, ସୁରେଶ ବେହେରା, ନରେଶ ପଧାନ, ଜିତେନ୍ଦ୍ରିୟ ବିଦ୍ୟାଧର, ମନୋଜ ସାହୁ, କୃଷ୍ଣ ଚନ୍ଦ୍ର ବିଶ୍ୱାଳ, ବିପ୍ଲବ ବୁଧିଆ, କିରନ ପଧାନ ଓ ରାଧାକାନ୍ତ ନାଏକ ଖେଳ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଭେଡେନ,୨୬।୮ (ସମିସ): ଭେଡେନ ବ୍ଲକ୍ ଅଧୀନ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଜୟଦେବ ଶତପଥୀ(୮୬)ଙ୍କ ତାଙ୍କ ଜମଡୋଲ ସ୍ଥିତ ବାସଭବନରେ ପରଲୋକ ହୋଇଛି। ତାଙ୍କ ପରଲୋକ ଖବର ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ ପାଇଁ ତାଙ୍କ ବାସଭବନରେ ପହଞ୍ଚି ଥିଲେ। ତାଙ୍କ ଦୁଇ ଝିଅ, ଏକମାତ୍ର ପୁଅ ସହିତ ନତିନାତୁଣୀ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ଶୋଭାଯାତ୍ରାରେ ଜିରା ନଦୀ ସ୍ଥିତ ଶ୍ମଶାନ ଘାଟକୁ ନିଆଯାଇଛି। ତାଙ୍କ ପୁଅ ମନୋଜ ଶତପଥୀ ମୁଖାଗ୍ନି ଦେଇଥିଲେ।

# ବିଜେପି ଝାରବନ୍ଧ ମଣ୍ଡଳ କମିଟି ଗଠିତ

## ସତ୍ୟମ ସଭାପତି, ମଳୟ ସମ୍ପାଦକ

ଝାରବନ୍ଧ,୨୬।୮ (ସମିସ): ଭାରତୀୟ ଜନତା ପାର୍ଟିର କର୍ମକର୍ତ୍ତାଙ୍କୁ ନେଇ ଝାରବନ୍ଧ ବଜାର ପ୍ରାଙ୍ଗଣରେ ବିଜେପି ନେତା ଡ.ମୋହନ ପ୍ରସାଦ ନାୟକଙ୍କ ସଭାପତିତ୍ୱରେ ଝାରବନ୍ଧ ମଣ୍ଡଳ କମିଟି ଗଠନ ନିମନ୍ତେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଝାରବନ୍ଧ ମଣ୍ଡଳ କମିଟି ସଭାପତି ଭାବେ ଛୋଟଅନକି ସମିତି ସଭ୍ୟ ସତ୍ୟମ ପ୍ରଧାନ ମନୋନୀତ ହୋଇ ଥିବା ବେଳେ ସମ୍ପାଦକ ଭାବେ ମଳୟ ପ୍ରଧାନ ମନୋନୀତ ହୋଇଛନ୍ତି। ସେହିପରି ଉପସଭାପତି ଭାବେ କିଶୋର କୁମ୍ଭାର, ମୋହିତ ତାଣ୍ଡି, ପିତାମ୍ବର ନାଏକ, ଗମ୍ଭୀର ବାଗ ଏବଂ ସହ ସମ୍ପାଦକ ଭାବେ ବସନ୍ତ ସାହୁଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ପୂର୍ବତନ ମଣ୍ଡଳ ସଭାପତି ଚିନ୍ତାମଣି ରାଉତ ସମସ୍ତଙ୍କୁ ସ୍ୱାଗତ ପୂର୍ବକ ଶୁଭେଚ୍ଛା ଜଣାଇ ଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନେତା ମୋହନ ନାୟକ, ହରିହର ସାହୁ, ବିନୋଦ ବିହାରୀ ବାଗ, ଲମ୍ବୋଦର ପଣ୍ଡା, ଦୁର୍ଗା ପ୍ରସାଦ ଅଗ୍ରୱାଲ, ରାମକୃଷ୍ଣ ପ୍ରଧାନ, ଯୁବ ନେତା କମଲ ରାଉତ, ସତ୍ୟାନନ୍ଦ ପ୍ରଧାନ, ସାମନ୍ତ ଶେଖର ମୁନା, ଫୁଲବାବୁ କୁମ୍ଭାରଙ୍କ ସହିତ ଶତାଧିକ ବିଜେପି କାର୍ଯ୍ୟକର୍ତ୍ତା ସାମିଲ ଥିଲେ।



# କେନ୍ଦୁପତ୍ର ତୋଳାଳିଙ୍କ ପାଇଁ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଅମ୍ବାଭୋନା,୨୬।୮ (ସମିସ): ଅମ୍ବାଭୋନା ବ୍ଲକ୍ ଉତ୍ତମ ପଞ୍ଚାୟତ ସଭାଗୃହରେ ସମ୍ବଲପୁର କେନ୍ଦୁପତ୍ର ବନଖଣ୍ଡ ତରଫରୁ କେନ୍ଦୁପତ୍ର ତୋଳାଳୀ ଓ ପରିବାର ବର୍ଗ ତଥା କେନ୍ଦୁପତ୍ର କର୍ମଚାରୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଲଖନପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଡ.ଦୁର୍ଗା ପ୍ରସାଦ ଦାଶ, ଆୟୁଷ ଡ.ସୌମ୍ୟାଶ୍ରୀ ଦେହୁରୀ, ଡ.ଭବାନୀ ଶଙ୍କର ପ୍ରଧାନ, ଡ.ପ୍ରଶାନ୍ତ ପଣ୍ଡା ପ୍ରମୁଖ ଯୋଗ ଦେଇ ଅମ୍ବାଭୋନା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ କାମ କରୁଥିବା କେନ୍ଦୁପତ୍ର ତୋଳାଳୀ, ତାଙ୍କ ପରିବାର ବର୍ଗ, କେନ୍ଦୁପତ୍ର କର୍ମଚାରୀଙ୍କ ମାଗଣାରେ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରକ୍ତ, ହିମୋଗ୍ଲୋବିନ, ମଧୁମେହ, ରକ୍ତଚାପ, ମାଲେରିଆ ପ୍ରଭୃତି ପାଇଁ ପରୀକ୍ଷା କରି ଔଷଧ ଦିଆଯାଇଥିଲା। ପଞ୍ଜୀକୃତ ୧୨୦ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ମଧ୍ୟରୁ ୫ ଜଣ ମଧୁମେହ, ୪ ଜଣ ଉଚ୍ଚରକ୍ତଚାପ ରୋଗୀ ଚିହ୍ନଟ କରି ଔଷଧ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱାସ୍ଥ୍ୟ ପରିଦର୍ଶକ ଗୋବିନ୍ଦ ପଧାନ, ଫାର୍ମାସିଷ୍ଟ ଦିନ ଦୟାଳ ପଟେଲ, ରୋହିତ ସାହୁ, ଇନ୍ଦିରା ପ୍ରିୟଦର୍ଶିନୀ ସାମନ୍ତରାୟ, ସତ୍ୟ ପ୍ରକାଶ ନାଏକ, ମହିଳା ସ୍ୱାସ୍ଥ୍ୟକର୍ମୀ ପ୍ରିୟଦର୍ଶିନୀ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ କେନ୍ଦୁପତ୍ର ବନ ବିଭାଗ ରେଞ୍ଜର ସୌମ୍ୟରଞ୍ଜନ ଦାଶ ସଂଯୋଜନା କରିଥିଲେ। ତାଙ୍କ ବିଭାଗର ସରୋଜିନୀ କିଷାନ, ଅମିତ ମୁଣ୍ଡା, ମଧୁ ବିଶ୍ୱାଳ, ସୋନୁ ବିଶ୍ୱାଳ, ମାମି ସାହୁ, ଗଣେଶ ମହାପାତ୍ର, ନରେନ୍ଦ୍ର ଦାସ, ଲବ ବାରିକ, ସୌରୀ ନାରାୟଣ ତଥା ସ୍ଥାନୀୟ ସରପଞ୍ଚ ହୀରାଧର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



# କୃଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍‌ରେ ନୂଆଁଖାଇ ହାଟ୍



ବରଗଡ଼,୨୬।୮ (ସମିସ): ବରଗଡ଼ କୃଷ୍ଣା ବିକାଶ ଫାଷ୍ଟ ଷ୍ଟେପ୍‌ରେ ନୂଆଖାଇ ହାଟ୍ ଅତି ହର୍ଷୋଲ୍ଲାସ ସହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସମ୍ପୂର୍ଣ୍ଣ ବିଦ୍ୟାଳୟ ଉତ୍ସବ ମୁଖରିତ ହୋଇ ଉଠିଥିଲା। ଉତ୍ସବରେ ଅତିଥି ଭାବେ କୃଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି.ମୁରଲୀ କୃଷ୍ଣା ରାମ ତୁଳସୀ, ଡାଇରେକ୍ଟର ସମରେନ୍ଦ୍ର ପଣ୍ଡା, ଏକ୍ସିକ୍ୟୁଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଲ, ସିଏଚ୍‌ଏସ୍‌ଏସ୍ ପ୍ରିନ୍ସିପାଲ ନାରାୟଣ ରଥ, ସିନିୟର ସେକେଣ୍ଡାରୀ ପ୍ରିନ୍ସିପାଲ ଚିତ୍ତରଞ୍ଜନ ପତି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ନେଇ ନୂଆଁଖାଇ ଉପଲକ୍ଷେ ଆଲବମ୍ ଉଦ୍‌ଘାଟିତ ହୋଇଥିଲା। ଦୀର୍ଘଦିନ ଧରି ପନିପରିବା ବିକ୍ରି କରି ସ୍ୱାବଲମ୍ବୀ ଭାବେ ଜୀବିକା ଅର୍ଜନ କରିଥିବା ୨ ଜଣ ବୟସ୍କା ମହିଳା ତୁଳସୀ ଓ ମାଳତୀଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟରେ ଦୀର୍ଘ ୨୨ ବର୍ଷ ଶିକ୍ଷାଦାନ କରିଥିବା ଓଡ଼ିଆ ଶିକ୍ଷୟିତ୍ରୀ କଳ୍ପନା ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ନୃତ୍ୟ ପାଇଁ ସୁରଥ ସାର, ଆର୍ଟ ପାଇଁ ପ୍ରଭାତ, ଗୀତ ପାଇଁ ଶୈଳେନ୍ଦ୍ର ଓ ମିଲି ମ୍ୟାମ୍‌ଙ୍କୁ ସମ୍ମାନିତ କରାଗଲା। ଛାତ୍ରଛାତ୍ରୀ ଦୈନନ୍ଦିନ ଜୀବନରେ ଆବଶ୍ୟକ ବିଭିନ୍ନ ଜିନିଷ ତଥା କିରାନା ଠାରୁ କପଡା ସମସ୍ତ ସାମଗ୍ରୀ ବିକ୍ରି କରିଥିଲେ। ବିଦ୍ୟାଳୟର ଛାତ୍ରୀ ଏଲିନା, ପ୍ରାପ୍ତି ଓ ଆୟୁଶ୍ରୀ ସଭା ସଂଯୋଜନା ତଥା ଶିକ୍ଷୟତ୍ରୀ ଅର୍ଜନା ପାଣିଗ୍ରାହୀ ପରିଚାଳନା କରିଥିଲେ।



# କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ 'କ୍ରିଷ୍ଣା ବିକାଶ ପ୍ୟାରେଣ୍ଟିଂ ଦିବସ'

ବରଗଡ଼,୨୬।୮ (ସମିସ): କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନରେ 'କ୍ରିଷ୍ଣା ବିକାଶ ପ୍ୟାରେଣ୍ଟିଂ ଦିବସ' ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ୍ ଦାଶରୀ ମୂରଲୀ କ୍ରିଷ୍ଣା ଓ ଟ୍ରଷ୍ଟୀ ଦାଶରୀରାମ ତୁଳସୀ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାଶରୀ ବୀରରାଜୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଚେୟାରମ୍ୟାନ୍ ଦାଶରୀ ମୂରଲୀ କ୍ରିଷ୍ଣା ନିଜ ଅଭିଭାଷଣରେ ଛାତ୍ରଛାତ୍ରୀ ମାନେ ପିତାମାତା ତଥା ଗୁରୁଜନଙ୍କ ବଚନକୁ ସମ୍ମାନ ଜଣାଇ ଦାୟିତ୍ୱବୋଧ, ନିଜ ସଂସ୍କୃତି, ଧର୍ମ ପ୍ରତି ସମ୍ମାନ ପ୍ରଦର୍ଶନ ସହିତ କର୍ତ୍ତବ୍ୟବୋଧ ପଥରେ ଅଗ୍ରସର ହେଲେ ଭବିଷ୍ୟତ ଜୀବନରେ ନିଶ୍ଚୟ ସଫଳତା ପାଇପାରିବେ ବୋଲି ନିଜର ମତ ପ୍ରଦାନ କରିଥିଲେ। ଏହି ଅବସରରେ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ ସମୂହର ଡାଇରେକ୍ଟର ଡ.ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟ (ସିନିୟର ସେକେଣ୍ଡେରୀ) ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସିବିଏସଇ ଆଫେୟାର୍ସ୍) ପ୍ରଦୀପ ସାହୁ, ଉପାଧ୍ୟକ୍ଷ (ଏକାଡେମିକ୍ସ) ଡ.ମନୋଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀ ଆବେଗଧାର୍ମୀ ତଥା ହୃଦୟସ୍ପର୍ଶୀ ଗୀତ ଓ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶେଷରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।



